# Akashvani, Sambalpur

## SAMBALPURI NEWS EVENING BULLETIN

## 15 August 2024- 7.02 pm- 7.12 pm.

*********************************************

୧- ଦେଶେ ଉତ୍ସାହ ଆର୍ ଉଦ୍ଦୀପନାଥି ପାଲନ୍ କରାଯାଉଛେ ୭୮ ନମ୍ବର୍ ସ୍ୱାଧୀନତା ଦିବସ୍ ।

- ୨୦୪୭ ବିକଶିତ୍ ଭାରତ୍ ଗଠନ୍‌ର ସପନ୍‌କେ ସାକାର୍ କର୍‌ବାର୍ ଲାଗି ସର୍‌କାର୍ ସଂକଳ୍ପବଦ୍ଧ- କହେଲେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ।

୨- ରାଜ୍ୟସ୍ତରୀୟ ସମାରୋହଥି ଯୋଗ୍ ଦେଲେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ।

- କହେଲେ କଲ୍ୟାଣ୍‌କାରୀ ଯୋଜ୍‌ନାର୍ ସୁଫଲ୍ ପ୍ରକୃତ ହିତାଧିକାରୀମାନ୍‌କର୍ ପାଖେ ପୁହୁଁଚାବାର୍‌ଟା ସର୍‌କାର୍‌ଙ୍କର୍ ଲକ୍ଷ୍ୟ ।

ଆଉର୍

୩- ଉଲ୍ଲେଖନୀୟ ବିଶିଷ୍ଟ ସେବା ଆଉ ସାହସିକତା ଲାଗି ୯୪ ଝନ୍‌କୁ ପଦକ୍ ଦେଲେ ମୁଖ୍ୟମନ୍ତ୍ରୀ ।

ସାରା ଦେଶେ ୭୮ ନମ୍ୱର୍ ସ୍ୱାଧୀନତା ଦିବସ୍ ବହୁତ୍‌ଟେ ଉତ୍ସାହ ଆଉ ଉଦ୍ଦୀପନାଥି ପାଲନ୍ କରାଯାଉଛେ । ଭିନ୍ ଭିନ୍ ଜାଗା ନ ସ୍ୱାଧୀନତା ଦିବସ୍ ସମାରୋହ ସାଙ୍ଗେ ବିଶେଷ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜିତ୍ ହେଇଛେ । ନୂଆଦିଲ୍ଲୀର୍ ଐତିହାସିକ୍ ଲାଲ୍‌କିଲ୍ଲା ନ ରାଷ୍ଟ୍ରୀୟ ସମାରୋହଥି ଜାତୀୟ ପତାକା ଉତୋଳନ୍ କରିକରି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ ଯେ, ୨୦୪୭ ବିକଶିତ୍ ଭାରତ୍ ଗଠନ୍‌ର ସପନ୍‌କେ ସାକାର୍ କର୍‌ବାର୍ ଲାଗି ସର୍‌କାର୍ ସଂକଳ୍ପବଦ୍ଧ ଆନ୍ । ଇ ସଂକଳ୍ପଥି ଦେଶ୍‌ବାସୀଙ୍କର୍ ସପନ୍ ପ୍ରତିଫଳିତ ହେଉଛେ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ-୧)

ବିଜ୍ଞାନ୍, କୃଷି, ନିର୍ମାଣ ଆଉ ନ୍ୟାୟିକ କ୍ଷେତ୍ର ସହେତେ ଅଲ୍‌ଗା କ୍ଷେତ୍ର ନ କେତେ ସଂସ୍କାର୍‌ମୂଳକ୍ ପଦକ୍ଷେପ୍ ନେବାର୍ ଲାଗି ଜନସାଧାରଣ୍ ସର୍‌କାର୍‌ଙ୍କୁ ପରାମର୍ଶ ଦେଇଥିବାର୍ ସେ କହିଛନ୍ । ଶ୍ରୀ ମୋଦୀ କହିଛନ୍ ଯେ, ତାଙ୍କର୍ ସର୍‌କାର୍ ଦେଶ୍-ପହେଲା ନୀତି ଅନୁସରଣ୍ କର୍‌ବାର୍ ସହେତେ ରାଷ୍ଟ୍ର ହିତ ଭାବ୍‌ନା ନେଇକରି ୧୦ ବଛର୍ ହେଲା ଭିନ୍ ଭିନ୍ କଲ୍ୟାଣ୍‌ମୂଳକ୍ କାମ୍ କରିଆସୁଛନ୍ । ଦେଶ୍ ଗଠନ୍‌ଥି ଯୁଆନ୍ ପିଢ଼ି, ମହିଲା ଆର୍ ଚାଷୀମାନ୍‌କର୍ ଗୁଟେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛେ । ସେନ୍ତା ସେମି କଣ୍ଡକ୍ଟର୍ ଉତ୍ପାଦନ୍ କ୍ଷେତ୍ର ନ ପୁର୍‌ଥିର୍ ଗୁଟେ ଅଗ୍ରଣୀ ରାଷ୍ଟ୍ର

ହେବାର୍ ଲାଗି ଭାରତ୍ ପ୍ରତିଶ୍ରୁତିବଦ୍ଧ ଆଏ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ସେ ଆହୁରି କହିଛନ୍ ଯେ, ଆର୍ଥିକ୍ କ୍ଷେତ୍ରଥି ସର୍‌କାର୍‌ଙ୍କର୍ ସମିଆ ଅନ୍‌ସାରେ ପଦକ୍ଷେପ୍ ଲାଗି ସାରା ଦେଶେ ୧୦ କୋଟିନୁ ଅଏତ୍‌କା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆର୍ଥିକ୍ ସାହାଜ୍ ଦିଆଯାଇଛେ, ଯେନ୍‌ଥିର୍‌ଲାଗି ମହିଳାମାନେ ସ୍ୱାବଲମ୍ବୀ ହେଇପାରିଛନ୍ । ଇଟାକେ ପ୍ରଧାନ୍‌ମନ୍ତ୍ରୀ ନୂଆଁ ଆର୍ଥିକ୍ କ୍ରାନ୍ତି ଭାବେ ଅଭିହିତ କରିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ -୨ )

ଇଜି ଅଫ୍ ଲିଭିଙ୍ଗ୍ ଉପ୍‌ରେ ପ୍ରାଥମିକତା ଦେଇକରି ସର୍‌କାର୍ କାମ୍ କର୍‌ବାର୍ ସହେତେ ଦେଶେ କେତେ ପୁରାତନ୍ ଆର୍ ଅନାବଶ୍ୟକ ଆଇନ୍‌କେ ହଟେଇ ଦେଇଥିବା ଶ୍ରୀ ମୋଦୀ କହିଛନ୍ । ଗଲା ୧୦ ବଛ୍‌ରେ ସର୍‌କାର୍ ସାରାଦେଶେ ୧୫ କୋଟିନୁ ଅଏତ୍‌କା ପରିବାର୍‌କେ ପାଇପ୍‌ଥି ସଫା ପିଇବାର୍ ପାଏନ୍ ଯୁଗେଇଦେବାର୍ ବ୍ୟବସ୍ଥା କରିଛନ୍ ।

ମୁଖ୍ୟମନ୍ତ୍ରୀ- ସ୍ୱାଧୀନତା ଦିବସ୍ ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍ ନ ରାଜ୍ୟସ୍ତରୀୟ ସମାରୋହଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଜାତୀୟ ପତାକା ଉତୋଲନ୍ କରିକରି ପେରେଡ୍‌ଥି ଅଭିବାଦନ୍ ଗ୍ରହଣ୍ କରିଥିଲେ ।

ରାଜ୍ୟର୍ ଲୁକ୍‌କୁ ଉଦ୍‌ବୋଧନ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ଯେ, ରାଜ୍ୟର୍ ବିକାଶ୍ ଲାଗି ବହୁତ୍‌ଟେ ପଦକ୍ଷେପ୍ ନିଆଯାଉଛେ । ଓଡ଼ିଶା ଏଛେନ୍ ପରିବର୍ତନ୍‌ର ରାସ୍ତାଥି ଯାତ୍ରା ମୁଲ୍ କରିଛେ । ପ୍ରଚାର୍‌କେ ଛାଡ଼ିକରି କାମ୍ ଉପ୍‌ରେ ଜୋର୍ ଦିଆଯାଉଛେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ୍ ଗଠନ୍ - ଦେଶ୍‌କେ ଭାଷାଭିତିକ୍ ରାଜ୍ୟ ବନାବାର୍ ଲାଗି ରାସ୍ତା ଦେଖେଇଥିଲା । ଓଡ଼ିଶାର୍ ଗୌରବ୍‌ମୟ ଇତିହାସ୍ । ରାଜ୍ୟର୍ ସାଂସ୍କୃତିକ୍ ପରମ୍ପରା ବିଷେ ସାରା ଦୁନିଆ ଜାନିଛେ । ଚାଷ୍ ଆର୍ ଚାଷୀର୍ ଉନ୍ନତିର୍ ଲାଗି ସର୍‌କାର୍ ସବୁବେଲେ ଚେଷ୍ଟା କରିଆସୁଛନ୍ । ଧାନର୍ ସହାୟକ ମୂଲ୍ୟ ବଢ଼୍‌ବାର୍‌ଟା ଇତାର୍ ଗୁଟେ ବଡ଼ ଉଦାହରଣ୍ । ସେ କହିଛନ୍, ଶାସନ୍‌ର ଶହେ ଦିନ୍ ଭିତ୍‌ରେ ୨ ଟା ପ୍ରତିଶ୍ରୁତି ପୁରା କରାଯାଇଛେ । ବଜେଟ୍‌ଥି ଇଥିର୍‌ଲାଗି ଅର୍ଥ ବରାଦ୍ ଭିଲ୍ ହେଇଛେ । ଆଏବା ମାସେ ସାରା ରାଏଜେ ସୁଭଦ୍ରା ଯୋଜ୍‌ନା ଆରମ୍ଭ ହେବା । ଗାଁ ଇଲାକାର୍ ଅର୍ଥନୀତିକେ ବର୍‌କସ୍ କର୍‌ବାର୍‌ଟା ଆମର୍ ଲକ୍ଷ୍ୟ ଆଏ । ସମାଜ୍ ନ ସବୁବର୍ଗର୍ ଲୁକ୍‌କର୍ ଉନ୍ନତିର୍ ଲାଗି ବହୁତ୍‌ଟେ ପଦ୍‌କ୍ଷେପ୍ ନିଆଯାଉଛେ ।

ବହୁତ୍‌ଟେ ସଂଖ୍ୟାର୍ ଆଦିବାସୀ ରହୁଥିବା ଜିଲ୍ଲାମାନ୍‌କର୍ ସାମୂହିକ୍ ବିକାଶ୍ ଲାଗି ପେଶା ଆଇନ୍ ଲାଗୁ କରାଯାଇଛେ । ଗ୍ରାମସଭା ଜରିଏ ଇହାଦେ ଭିନ୍ ଭିନ୍ ଯୋଜ୍‌ନା ଲାଗି ପ୍ରସ୍ତାବ୍ ନିଆଯିବା ଆଉ ଇଟା ହେଲେ ପଂଚାୟତିରାଜ୍ ବ୍ୟବସ୍ଥା ଅଏତ୍‌କା

ସଶକ୍ତ ହେଇପାର୍‌ବା । ବିକଶିତ୍ ଓଡ଼ିଶା ଗଠନ୍ ଦିଗେ ଇ ନିଷ୍ପତି ଗୁଟେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ୍ କର୍‌ବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ପ୍ରଧାନ୍‌ମନ୍ତ୍ରୀଙ୍କର୍ 'ସବ୍‌କା ସାଥ୍- ସବ୍‌କା ବିକାଶ୍, ସବ୍‌କା ବିଶ୍ୱାସ୍, ସବ୍‌କା -ପ୍ରୟାସ୍' ମନ୍ତ୍ରକେ ଅନୁସରଣ୍ କରିକରି ଓଡ଼ିଶା ନ ଦର୍‌କାରୀ ନିଷ୍ପତି ନିଆଯାଉଛେ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ବିଶିଷ୍ଟ ସେବା, ସାହସିକତା- ପଦକ୍ ଆର୍‌ଏନ୍‌ୟୁ/ କଟକ୍

ସ୍ୱାଧୀନତା ଦିବସ୍ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜ୍ୟସ୍ତରୀୟ ପଦକ୍ ପ୍ରଦାନ୍ ଉତ୍ସବ୍‌ଥି ଉଲ୍ଲେଖନୀୟ, ବିଶିଷ୍ଟ ସେବା ଆଉ ସାହସିକତା ଲାଗି ମୋଟ୍ ୯୪ ଝନ୍‌କୁ ପଦକ୍ ଦେଇଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍‌ର କନ୍‌ଭେନ୍‌ସନ୍ ହଲ୍ ନ ହେଇଥିବା ଗୁଟେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ୍‌ଥି ଇ ପଦକ୍ ଦିଆଯାଇଛେ । ରାଜ୍ୟ ପୁଲିସ୍, ଅଗ୍ନିଶମ, ଗୃହରକ୍ଷୀ ଆର୍ ବେସାମରିକ ପ୍ରତିରକ୍ଷା ଆଉ କାରାଗାର ଆର୍ ସଂସ୍କାର୍ ସେବାର ଅଧିକାରୀ ଆର୍ କର୍ମଚାରୀମାନ୍‌କୁ ଉଲ୍ଲେଖନୀୟ ବିଶିଷ୍ଟ ସେବା ଆର୍ ସାହସିକତା ଲାଗି ରାଷ୍ଟ୍ରପତି ପଦକ୍ ସାଙ୍ଗେ ରାଜ୍ୟପାଲ୍ ପଦକ୍ ଭିଲ୍ ଦିଆଯାଇଛେ । ଗୃହ ବିଭାଗ୍‌ର ସ୍ୱତନ୍ତ୍ର ସଚିବ

ଡକ୍ଟର୍ ସନ୍ତୋଷ୍ ବାଲା ଆର୍ ଭୁବ୍ନେଶ୍ୱର୍ ଭିଜିଲାନ୍ସ ଡିଭିଜନ୍ର କନ୍ଷ୍ଟେବଲ୍ ସଞ୍ଜୁକ୍ତା ପଟ୍ଟନାୟକ୍ଙ୍କୁ ରାଷ୍ଟ୍ରପତି ପଦକ୍ ମିଲିଛେ । ଇ ଅବ୍ସରେ ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା, ପୁଲିସ୍ ଡିଜି ଅରୁଣ୍ କୁମାର୍ ଷଡ଼ଙ୍ଗୀଙ୍କର୍ ସହେତେ ଅଲ୍ଗା ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ସ୍ୱାଧୀନତା ଦିବସ୍- ପଶ୍ଚିମ ଓଡ଼ିଶା ସମ୍ବଲପୁର/ କଲାହାଣ୍ଡି/ ନୂଆପଡ଼ା/ ବଲାଙ୍ଗିର୍/ ଦେବ୍ଗଡ଼୍/ ସୁବର୍ଣ୍ଣପୁର୍/ ଝାର୍ସୁଗୁଡ଼ା/ ବର୍ଗଡ଼୍/ ବୌଦ୍ଧ

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ସ୍ୱାଧୀନତା ଦିବସ୍ ପାଲିତ୍ ହେଇଯାଇଛେ । ନୂଆପଡ଼ା ଜିଲ୍ଲା ମିନିଷ୍ଟାଡ଼ିୟମ୍ ଠାନେ ହେଇଥିବା ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ୍ ପାଲିତ୍ ହେଇଯାଇଛେ । ଇଥି ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଯୋଗ୍ ଦେଇକରି ଜାତୀୟ ପତାକା ଉତୋଲନ୍ କର୍ବାର୍ ସହେତେ ମିଲିତ୍ ପରେଡ୍ଥି ଅଭିବାଦନ୍ ଗ୍ରହଣ୍ କରିକରି ଉଦ୍ବୋଧନ୍ ଦେଇଥିଲେ ।

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍ନା ଲାଲ୍ବାହାଦୂର୍ଶାସ୍ତ୍ରୀ ଷ୍ଟାଡ଼ିୟମ୍ ଠାନେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ୍ ପାଲିତ୍ ହେଇଯାଇଛେ । ଇଥି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା

ମନ୍ତ୍ରୀ ସୁରେଶ୍ ପୂଜାରୀ ଯୋଗ୍ ଦେଇକରି ଜାତୀୟ ପତାକା ଉତୋଲନ୍ କରିକରି ଉଦ୍‌ବୋଧନ୍ ଦେଇଥିଲେ ।

ବଲାଙ୍ଗିର୍ ସଦର୍ ମହକୁମାର ମନୋହର୍ ପୁଲିସ୍ ପଡ଼ିଆ ନ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ୍ ପାଲିତ୍ ହେଇଯାଇଛେ । ଇଥି ଜଙ୍ଗଲ୍ ପରିବେଶ୍, ଜଲବାୟୁ ପରିବର୍ତନ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ପତାକା ଉତୋଲନ୍ କରିଥିଲେ ।

ସମ୍ବଲ୍‌ପୁର୍ ଜିଲ୍ଲା କଚ୍‌ରୀ ଛକ୍ ନ ଜିଲ୍ଲାସ୍ତରୀୟ ସମାରୋହଥି ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଲିରାମ୍ ବୋନ୍ଦାର୍ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ଜାତୀୟ ପତାକା ଉତୋଲନ୍ କର୍‌ବାର୍ ସାଙ୍ଗେ ପେରେଡ୍‌ର ଅଭିଭାଦନ୍ ଗ୍ରହଣ୍ କରିଥିଲେ । ପରେଡ୍‌ଥି ଭଲ୍ ପ୍ରଦର୍ଶନ୍ କରିଥିବା ସ୍କୁଲ୍ ଆର୍ ଭଲ୍ କାମ୍ କରିଥିବା ସଂଗଠନ୍‌ମାନ୍‌କେ ସମ୍ମାନିତ୍ କରାଯାଇଥିଲା ।

ଦେବ୍‌ଗଡ୍ ଜିଲ୍ଲା ଇନ୍ଦିରାଗାନ୍ଧୀ ଷ୍ଟାଡ଼ିୟମ୍ ଠାନେ ହେଇଥିବା ସ୍ୱାଧୀନତା ଦିବସ୍ ସମାରୋହଥି ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ପତାକା ଉତୋଲନ୍ କର୍‌ବାର୍ ସହେତେ ପରେଡ୍‌ର ଅଭିବାଦନ୍ ଗ୍ରହଣ୍ କରିଥିଲେ । ଇ ସମାରୋହଥି ଛାତ୍ରଛାତ୍ରୀମାନ୍‌କର୍ ତର୍‌ଫୁ ସାଂସ୍କୃତିକ କାର୍ଯ୍ୟକ୍ରମ୍ ପରିବେଷଣ୍ କରାଯାଇଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲାର୍ ରାମେଶ୍ୱରମ୍ ଷ୍ଟାଡ଼ିୟମ୍ ଠାନେ ହେଇଥିବା ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ୍ ସମାରୋହଥି ଜିଲ୍ଲାପାଲ୍ ଅନ୍ୟା ଦାସ ଜାତୀୟ ପତାକା ଉତୋଲନ୍ କର୍‌ବାର୍

ସହେତେ ପରେଡ୍‌ର ଅଭିବାଦନ୍ ଗ୍ରହଣ୍ କରିଥିଲେ । ସମାରୋହଥି ମୋଟ୍ ୪୨ ଟା ଦଲ୍ ସାମିଲ୍ ହେଇଥିଲେ ।

ଝାର୍‌ସୁଗୁଡ଼ା ଜିଲ୍ଲା ମନ୍‌ମୋହନ୍ ସ୍କୁଲ୍ ପଡ଼ିଆ ନ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ୍ ପାଲିତ୍ ହେଇଯାଇଛେ । ଜିଲ୍ଲାପାଲ୍ ଆବୋଲି ସୁନୀଲ୍ ନର୍‌ୱଣେ ଜାତୀୟ ପତାକା ଉତୋଲନ୍ କରିକରି ପରେଡ୍‌ଥି ଅଭିବାଦନ୍ ଗ୍ରହଣ୍ କରିଥିଲେ । ଇ ଅବ୍‌ସରେ ସ୍ୱାଧୀନତା ସଂଗ୍ରାମୀମାନ୍‌କର୍ ପରିବାର୍‌କେ ସମ୍ବର୍ଦ୍ଧିତ୍ କରାଯାଇଥିଲା ।

ସୁନ୍ଦର୍‌ଗଡ଼୍ ସର୍‌କାରୀ ମହାବିଦ୍ୟାଳୟ ପାଖର୍ ଯାତ୍ରା ପଡ଼ିଆ ଠାନେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ୍ ପାଲିତ୍ ହେଇଯାଇଛେ । ଇଥି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଜାତୀୟ ପତାକା ଉତୋଲନ୍ କର୍‌ବାର୍ ସହେତେ ପେରେଡ୍‌ଥି ଅଭିବାଦନ୍ ଗ୍ରହଣ୍ କରିଥିଲେ ।

ବର୍‌ଗଡ଼୍ ଜର୍ଜ ହାଇସ୍କୁଲ୍ ପଡ଼ିଆ ନ ହେଇଥିବା ସ୍ୱାଧୀନତା ଦିବସ୍ ସମାରୋହଥି ଜିଲ୍ଲାପାଲ୍ ଆଦିତ୍ୟ ଗୋୟେଲ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଜାତୀୟ ପତାକା ଉତୋଲନ୍ କରିଥିଲେ । ଇ ଅବ୍‌ସରେ ହେଇଥିବା ଭିନ୍ ଭିନ୍ ପ୍ରତିଯୋଗିତାର୍ କୃତି ପ୍ରତିଯୋଗୀମାନ୍‌କୁ ପୁରସ୍କାର୍ ଦିଆଯାଇଥିଲା ।

ବୌଦ୍ଧ ଜିଲ୍ଲା ସଦର୍ ମହକୁମା ଷ୍ଟାଡ଼ିୟମ୍ ଠାନେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ୍ ପାଲିତ୍ ହେଇଯାଇଛେ । ଜିଲ୍ଲାପାଲ୍ ସୁବ୍ରତ କୁମାର୍ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି

ଜାତୀୟ ପତାକା ଉତୋଲନ୍ କର୍‌ବାର୍ ସହେତେ ପରେଡ୍‌ର ଅଭିବାଦନ୍ ଗ୍ରହଣ୍ କରିଥିଲେ । ସେଆଡ଼େ ସମାରୋହ ଅବ୍‌ସରେ ବୌଦ୍ଧ ନ ଶହେ ମିଟର୍ ଲମ୍ବା ଜାତୀୟ ପତାକା ଧରିକରି ଗୁଟେ ଶୋଭାଯାତ୍ରା ସହର୍ ବୁଲିଥିଲା ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆର୍‌ଏନ୍‌ୟୁ/ କଟକ୍

କର୍ମଜୀବୀ ମହିଳା ଏତ୍‌କେ ମାସିକ୍ ଋତୁସ୍ରାବ ସମିଆଥି ଦିନ୍‌କର୍ ଲାଗି ଛୁଟି ନେଇପାର୍‌ବେ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଘୋଷ୍‌ନା କରିଛନ୍ । କଟକ୍ ଠାନେ ହେଇଥିବା ସ୍ୱାଧୀନତା ଦିବସ୍ ସମାରୋହଥି ଯୋଗ୍ ଦେବାର୍ ଅବ୍‌ସରେ ଶ୍ରୀମତୀ ପରିଡ଼ା ସାମ୍ବାଦିକ୍‌ମାନ୍‌କୁ ଇ ବାବ୍‌ଦେ କହିଛନ୍ ଯେ, ଇ ନିୟମ୍ ସର୍‌କାରୀ ଆର୍ ଘରୋଇ ଦୁହି କ୍ଷେତ୍ର ଲାଗି ଲାଗୁ ହେବା

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍‌ର ପଶ୍ଚିମବଙ୍ଗ୍ ଉପକୂଲ୍ ନ ଆଏବା ୨୪ ଘଂଟା ଭିତ୍‌ରେ ଗୁଟେ ଲଘୁଚାପ୍ କ୍ଷେତ୍ର ସୃଷ୍ଟି ହେବା ବଲି ଆଂଚଲିକ୍ ପାଣିପାଗ୍ କେନ୍ଦ୍ର, ଭୁବ୍‌ନେଶ୍ୱର୍ ଅନୁମାନ୍ କରିଛେ । ଇତାର୍ ପ୍ରଭାବ୍‌ଥି ଆଏବା ୫ ଦିନ୍‌ତକ୍ ରାଜ୍ୟର୍

ବହୁତ୍ଟେ ଜାଗା ନ ମଧ୍ୟମ୍ନୁ ଜବର୍ ବର୍ଷା ହେଇପାରେ । ଆଏବା କାଏଲ୍ ସୁନ୍ଦର୍ଗଡ଼୍ ସହେତେ ୧୮ ଟା ଜିଲ୍ଲା ନ ଜବର୍ ବର୍ଷା ହେଇପାରେ ବଲି ପାଣିପାଗ୍ ବିଭାଗ୍ ତର୍ଫୁ ସୂଚ୍ନା ମିଲିଛେ ।